**ଓଡିଶା ରାଜ୍ୟ ଅର୍ଥ ନିଗମ**
**ଓ୦ଏମ୦ପି ଛକ, କଟକ – ୭୫୩୦୦୩**

# ବିକ୍ରୟ ବିଜ୍ଞାପନ

ବିଜ୍ଞାପନ ନଂ.**DDAC**/୦୧/୨୫-୨୬ ତା ୨୭/୦୨/୨୦୨୬

ଓଡିଶା ରାଜ୍ୟ ଅର୍ଥ ନିଗମ ନିର୍ଦ୍ଧାରିତ ଜଉମୁଦ ଦିଆ ଟେଣ୍ଡର ଫର୍ମ ମାଧ୍ୟମରେ ତା ୧୮/୦୩/୨୦୨୬ ସମୟ ଦିବା ୧୧.୩୦ ଘଟିକାରେ ଓଡିଶା ରାଜ୍ୟ ଅର୍ଥ ନିଗମ, ମୁଖ୍ୟ କାର୍ଯ୍ୟାଳୟ ,ଓ୦ଏମ୦ପି ଛକ, କଟକ – ୦୩ ଠାରେ ହେବାକୁ ଥିବା **Default-cum-Disposal Advisory Committee (DDAC)** ଦ୍ଵାରା ନିମ୍ନୋକ୍ତ ଜବତ ସମ୍ପତ୍ତିକୁ ଯେଉଁଠାରେ ଯେଉଁଭଳି ଅଛି ସେହି ଅବସ୍ଥାରେ ବିକ୍ରୟ ପାଇଁ ଦରଖାସ୍ତ ଆହ୍ଵାନ କରୁଅଛି । ନିର୍ଦ୍ଧାରିତ ଟେଣ୍ଡର ଦରଖାସ୍ତ ଫର୍ମ, ବିକ୍ରୟର ନିୟମ ଓ ସର୍ତ୍ତାବଳୀ, ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିଷଦ ବିବରଣୀ ଟେଣ୍ଡର ପକାଇବାର ପ୍ରଣାଳୀ ଇତ୍ୟାଦି ଗୁଡିକ ଆମ୍ଭର ୱେବ ସାଇଟ **www.osfcindia.com** ରୁ ସଂଗ୍ରହ କରି ହେବ । ଟେଣ୍ଡର ଫର୍ମକୁ ସଠିକ୍ ଭାବେ ପୂରଣ କରି ତା ୧୭/୦୩/୨୦୨୬ ସମୟ ଅପରାହ୍ନ ୫ ଘଟିକା ମଧ୍ୟରେ ଆମ୍ଭ କଟକ ସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ର ଟେଣ୍ଡର ବାକ୍ସ ରେ ପକାଇବାକୁ ହେବ କିମ୍ବା **Registered Post/Speed Post** ମାଧ୍ୟମରେ ତଳଲିଖିତ ଠିକଣାରେ ପଠାଇ ପାରିବେ । କୌଣସି ଟେଣ୍ଡର ଆବେଦନ ପତ୍ର ଯଦି ବିଳମ୍ବରେ ଏବଂ ନିର୍ଦ୍ଧାରିତ ଅମାନତ ଜମା ବିନା ଏବଂ ଠିକ୍ ଭାବରେ ପୂରଣ କରାଯାଇ ନ ଥିବ ତେବେ ତାହା ନାକଚ ହୋଇଯିବ ।

ନିଲାମଧାରୀ ସେମାନଙ୍କର ପରିଚୟ ପତ୍ରର ପ୍ରମାଣ ସହ ନିଜେ କିମ୍ବା ତାଙ୍କର ସ୍ଵୀକୃତ ପ୍ରତିନିଧି ମାଧ୍ୟମରେ **DDAC** ରେ ଉପସ୍ଥିତ ହେବେ ଏବଂ ଯେଉଁ ମାନଙ୍କର ନିଲାମ ଡାକ ସର୍ବାଧିକ ହେବ ସେମାନେ ଘୋଷିତ ହୋଇଥିବା ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ବା ରାଜି ହୋଇଥିବା ନିଲାମ ମୂଲ୍ୟର ୨୫ ପ୍ରତିଶତ ଅମାନତ ଭାବେ ପୂର୍ବରୁ ଦେଇଥିବା ଅମାନତ ଜମାକୁ ବାଦ୍ ଦେଇ ସେହିଠାରେ ବ୍ୟାଙ୍କ ଡ୍ରାଫ୍ଟ /ପେ ଅର୍ଡର /ବ୍ୟାଙ୍କର ଚେକ୍/ନଗଦ ଟଙ୍କା ଜମା ଭାବେ ପରବର୍ତ୍ତୀ କାର୍ଯ୍ୟ ଦିବସ ସୁଦ୍ଧା ଦେବାକୁ ହେବ । ଯଦି ନିଲାମଧାରୀ ଏହି ସର୍ତ୍ତକୁ ପାଳନ ନ କରନ୍ତି ତେବେ ତାଙ୍କର ଅମାନତ ଜମା ବ୍ୟାଜ୍ୟାପ୍ତି ହୋଇଯିବ । ବିକ୍ରୟ ସମ୍ପତ୍ତିର ବଳକା ଦେୟ ପତ୍ର ମାଧ୍ୟମରେ କ୍ରେତାଙ୍କୁ ଅବଗତ କରାଯିବ ଏବଂ ସେମାନେ ବିକ୍ରୟ ପତ୍ର ପ୍ରେରଣର ୩୦ ଦିନ ମଧ୍ୟରେ ଉକ୍ତ ଟଙ୍କା ଜମା ଦେବାକୁ ହେବ । ଯଦି କ୍ରେତା ନିର୍ଦ୍ଧାରିତ ସମୟ ମଧ୍ୟରେ ଉକ୍ତ ଦେୟ ଦେଇ ନ ପାରନ୍ତି ତେବେ ସେ ଦେଇଥିବା ଜମାକୁ ମଧ ନିଗମ ବ୍ୟାଜ୍ୟାପ୍ତି କରିପାରିବ ।

ଉକ୍ତ ସମ୍ପତ୍ତିର କୌଣସି ଅଂଶ କିମ୍ବା ସମସ୍ତ କ୍ରୟ ପ୍ରସ୍ତାବକୁ ଗ୍ରହଣ କିମ୍ବା ନାକଚ କରିବା ନିଷ୍ପତ୍ତି ନିଗମର ଇଚ୍ଛାଧୀନ ଅଟେ ଏବଂ କୌଣସି କାରଣ ନ ଦର୍ଶାଇ ମଧ ନିଗମ ଉକ୍ତ ସମ୍ପତ୍ତିକୁ ଋଣଗ୍ରହିତାଙ୍କୁ ଫେରସ୍ତ କରିପାରିବ ।

## ବିକ୍ରୟ ସମ୍ପତ୍ତିର ବିବରଣୀ

| କ୍ରମାଙ୍କ | ଶିଳ୍ପର /ଋଣ ଗ୍ରହୀତାଙ୍କ ନାମ /ସଂରକ୍ଷିତ ମୂଲ୍ୟ | ଅମାନତ ଜମା |
|---|---|---|
| ୦୧ | ଶ୍ରୀ ଆଖଣ୍ଡଳମଣୀ ଟେକ୍ସଟାଇଲ୍ସ, ପ୍ରୋ: ବିଷ୍ଣୁପ୍ରିୟା ଶାନ୍ତି,ମୌ – ଶୁକ୍ଳା, ଯାଜପୁର ଙ୍କ ସ୍ଥାବର ସମ୍ପତ୍ତି **(Industrial Security)**(ଜଂ), ସଂମୂ – ଟଂ ୫.୪୫ଲକ୍ଷ **(କଟକ ଶାଖା-ନମ୍ବର-୮୬୫୮୭୨୪୫୬୬)** | ଟଂ ୨୭,୩୦୦/- |
| ୦୨ | ମେସର୍ସ ମା ପାର୍ବତୀ ଷ୍ଟୋନ କ୍ରସର,ମୌ- ଅଞ୍ଜିରା ,ଧର୍ମଶାଳା, ଯାଜପୁର ଙ୍କ କଳକବଜା ଓ ଆସବାବ ପତ୍ର **(Scrap M/c)** ,(କଂ), ସଂମୂ – ଟଂ ୧.୮୦ ଲକ୍ଷ **(କଟକ ଶାଖା-ନମ୍ବର-୮୬୫୮୭୨୪୫୬୬)** | ଟଂ ୯,୦୦୦/- |
| ୦୩ | ଶ୍ରୀମତୀ ପ୍ରତିମା ମଲ୍ଲିକ,ବିଦ୍ୟାଧରପୁର,ଜଗତସିଂପୁର ଙ୍କ ଗାଡି **(OR-02-F-5554) Diesel Ambasador Car**,(Kept at Central Garage, OMP Square, Cuttack) ସଂମୂ – ଟଂ ୦.୨୦ ଲକ୍ଷ **(କଟକ ଶାଖା-ନମ୍ବର-୮୬୫୮୭୨୪୫୬୬)** | ଟଂ ୧,୦୦୦/- |
| ୦୪ | ଶ୍ରୀ ସାଧୁ ଚରଣ ପାଣିଗ୍ରାହୀ, ମୌ- ବଉଷୁଣୀ, ବଲାଙ୍ଗିର ଙ୍କ ଗାଡି **(OR-15-7507) ମିନି ଟ୍ରକ (ସମ୍ବଲପୁର ଶାଖା ପରିସରରେ ରଖାଯାଇଅଛି)** , ସଂମୂ – ଟଂ ୦.୪୦ ଲକ୍ଷ **(ସମ୍ବଲପୁର ଶାଖା ନମ୍ବର-୯୪୩୯୨୪୪୦୩୦)** | ଟଂ ୨,୦୦୦/- |
| ୦୫ | ଶ୍ରୀ ଦିଲ୍ଲୀପ କୁମାର ମହାନ୍ତି ଙ୍କ ଗାଡି **(OR-15-E-3774) ମିନି ବସ, (ସମ୍ବଲପୁର ଶାଖା ପରିସରରେ ରଖାଯାଇଅଛି)** ସଂମୂ – ଟଂ ୦.୬୫ ଲକ୍ଷ **(ସମ୍ବଲପୁର ଶାଖା ନମ୍ବର-୯୪୩୯୨୪୪୦୩୦)** | ଟଂ ୩,୫୦୦/- |

ଋଣ ଗ୍ରହୀତା/ଜାମିନୀ ଦାତା/ବନ୍ଧକ ଦାତାଙ୍କୁ ଏତଦ୍ଵାରା ବିଜ୍ଞାପନ ଜାରି ମାଧ୍ୟମରେ ଅନୁରୋଧ କରାଯାଉଅଛି ଯେ ସେ ନିଜେ କିମ୍ବା ତାଙ୍କର ସ୍ଵିକୃତପ୍ରାପ୍ତ ପ୍ରତିନିଧି ଜରିଆରେ ନିଗମର DDAC ସମ୍ମୁଖରେ ନିର୍ଦ୍ଧାରିତ ସମୟ,ତାରିଖ ଓ ସ୍ଥାନ ରେ ହାଜର ହୋଇ ଋଣ ପରିଶୋଧ କରି ସେମାନଙ୍କର ଜବତ ସମ୍ପତ୍ତିକୁ ମୁକୁଳାଇବା ପାଇଁ ପ୍ରସ୍ତାବ ଦେବେ । ସେ ମଧ ନିଜ ଇଚ୍ଛାନୁଯାୟୀ ଉପଯୁକ୍ତ ଗ୍ରାହକ ଯୋଗାଡ କରି ଓ ଉପର ବିହିତ ମାଧ୍ୟମରେ ଟେଣ୍ଡରପ୍ରଦାନ କରି ନିଲାମରେ ଭାଗନେଇ ତାଙ୍କ ସମ୍ପତ୍ତିକୁ ଉପଯୁକ୍ତ ମୂଲ୍ୟରେ ବିକ୍ରି କରିବାରେ ସୁଯୋଗ ନେଇ ପାରିବେ । ଯଦି ସେମାନେ DDAC ସମ୍ମୁଖରେ ଉପସ୍ଥିତ ନ ହୁଅନ୍ତି କିମ୍ବା ନିଗମକୁ ସନ୍ତୁଷ୍ଟ କଲାଭଳି ପ୍ରସ୍ତାବ ନ ଦିଅନ୍ତି ତେବେ ଧରାଯିବଯେ ସେମାନଙ୍କର ସମ୍ପତ୍ତି ମୁକୁଳାଇବାର ଉଦ୍ଦେଶ୍ୟ ନାହିଁ । ନିଗମ ଋଣ ଗ୍ରହୀତା/ଜାମିନୀ ଦାତା/ବନ୍ଧକ ଦାତାଙ୍କୁ ବ୍ୟକ୍ତିଗତ ନୋଟିସ ଦେବାକୁ ବାଧ ନୁହେଁ ଏବଂ ଏହି ବିଜ୍ଞାପନ ସେମାନଙ୍କର ଅବଗତ ନିମନ୍ତେ ଯଥେଷ୍ଟ ।

ବିକ୍ରୟ ବିଜ୍ଞାପନ ଏବଂ ୱେବ୍ ସାଇଟ ରେ ପ୍ରକାଶିତ ହୋଇଥିବା ତଥ୍ୟ ଜନିତ ତ୍ରୁଟି ମାର୍ଜନୀୟ ।

| | |
|---|---|
| ବି: ଦ୍ର :- | ପରିଚାଳନା ନିର୍ଦ୍ଦେଶିକା ଙ୍କ ଆଦେଶମତେ |
| ଜଂ ଗୃଂ କ – ଜମି,ଗୃହ ଓ କଳକବଜା | ବିଭାଗୀୟ ମୁଖ୍ୟ (ଋଣ ଆଦାୟ ବିଭାଗ) |
| ସଂମୂ – ସଂରକ୍ଷିତ ମୂଲ୍ୟ | ଓଡିଶା ରାଜ୍ୟ ଅର୍ଥ ନିଗମ, ଓଂଏମଂପି ଛକ, କଟକ – ୦୩ |